# NATIONAL NEWS BULLETIN (ODIA)
## 23 March - 2024
## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୁଟାନ ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରିଛି ।
- ଗାଜାରେ ଅସ୍ତ୍ରବିରତି ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ଆମେରିକାର ପ୍ରସ୍ତାବ ଉପରେ ଋଷ ଓ ଚୀନ ଭିଟୋ ପ୍ରୟୋଗ କରିଛନ୍ତି ।
- ସିବିଏସଇ ଦ୍ୱାରା ଦୁର୍ନୀତିରେ ସମ୍ପୃକ୍ତ ଥିବା ୨୦ଟି ସ୍କୁଲର ମାନ୍ୟତା ରଦ୍ଦ ।
- ଭାରତର କିଦାମ୍ବି ଶ୍ରୀକାନ୍ତ ସୁଇସ୍ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟର ପ୍ରଥମ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୬ ଓ୍ୱିକେଟରେ ପରାସ୍ତ କରିଛି ।

– ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ।

## ମୋଦୀ ଭୁଟାନ୍

ଭୁଟାନର ରାଜା ଜିଗ୍ମେ ଖେସର ନାମଗ୍ୟାଲ ୱାଙ୍ଗଚୁକ୍ ଗତକାଲି ଥିମ୍ପୁଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୁଟାନର ସର୍ବୋଚ୍ଚ ବେସାମରିକ ସମ୍ମାନ ଅର୍ଡର ଅଫ୍ ଦ ଡ୍ରୁକ୍ ଗୟାଲପୋ ପ୍ରଦାନ କରିଛନ୍ତି । ଏହି ଅବସରରେ ମୋଦି କହିଛନ୍ତି ଯେ ଏହା ତାଙ୍କ ଜୀବନର ଏକ ବହୁତ ବଡ ଦିନ । ସେ କହିଛନ୍ତି ଯେ ପ୍ରତ୍ୟେକ ପୁରସ୍କାର ସ୍ୱତନ୍ତ୍ର, କିନ୍ତୁ ଯେତେବେଳେ ଜଣେ ଅନ୍ୟ ଦେଶରୁ ପୁରସ୍କାର ପାଇଥାଏ, ଏହା ଦର୍ଶାଏ ଯେ ଉଭୟ ଦେଶ ସଠିକ୍ ମାର୍ଗରେ ଗତି କରୁଛନ୍ତି । ଏହି ସମ୍ମାନ ତାଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଭାରତ ଓ ୧୪୦ କୋଟି ଭାରତୀୟଙ୍କ ସମ୍ମାନ ବୋଲି ସେ କହିଛନ୍ତି । ସମସ୍ତ ଭାରତୀୟଙ୍କ ତରଫରୁ ସେ ଏହି ସମ୍ମାନ ଗ୍ରହଣ କରିବା ସହ ଏହି ପୁରସ୍କାରରେ ସମ୍ମାନିତ ହୋଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ପ୍ରଥମ ବିଦେଶୀ ନେତା ଯିଏ କି ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି ।

## ୟୁଏନ୍-ଗାଜା

ଗାଜାରେ ଅସ୍ତ୍ରବିରତି ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ଆମେରିକାର ପ୍ରସ୍ତାବ ଉପରେ ଋଷ ଓ ଚୀନ ଭିଟୋ ପ୍ରୟୋଗ କରିଛନ୍ତି। ପାଲେଷ୍ଟାଇନ ନାଗରିକଙ୍କ ସୁରକ୍ଷା ଏବଂ ସେମାନଙ୍କୁ ମାନବିକ ସହାୟତା ଯୋଗାଇ ଦେବା ପାଇଁ ଆମେରିକା ଏହି ପ୍ରସ୍ତାବ ଆଣିଛି। ରୁଷ୍ ଆମେରିକାର ଏହି ପଦକ୍ଷେପକୁ ଦମ୍ଭ ବୋଲି ସମାଲୋଚନା କରିବା ସହ ଯୁଦ୍ଧ ବନ୍ଦ କରିବା ପାଇଁ ଇସ୍ରାଏଲ ଉପରେ ଚାପ ପକାଇବାରେ ଆମେରିକା ବିଫଳ ହୋଇଛି ବୋଲି କହିଛି। ୧୫ଟି ଦେଶ ବିଶିଷ୍ଟ ପରିଷଦ ମଧ୍ୟରୁ ୧୧ ଜଣ ସଂକଳ୍ପ ସପକ୍ଷରେ ଭୋଟ୍ ଦେଇଥିବା ବେଳେ ୩ ଜଣ ବିପକ୍ଷରେ ଭୋଟ୍ ଦେଇଛନ୍ତି ଓ ଜଣେ ମତଦାନରୁ ଦୂରେଇ ରହିଥିଲେ। ଜାତିସଂଘରେ ରୁଷ୍ ରାଷ୍ଟ୍ରଦୂତ ଭାସିଲି ନେବେଞ୍ଜିଆ କହିଛନ୍ତି ଯେ ତାଙ୍କ ଦେଶ ଗାଜାରେ ଅସ୍ତ୍ରବିରତିକୁ ସମର୍ଥନ କରୁଛି କିନ୍ତୁ ଆମେରିକାର ପ୍ରସ୍ତାବର ଉଦ୍ଦେଶ୍ୟ ଠିକ୍ ନୁହେଁ। ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ଆମେରିକା ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ ଗ୍ରୀନଫିଲ୍ଡ ଏହି ପ୍ରସଙ୍ଗକୁ ରାଜନୀତିକରଣ କରି ଅନ୍ତର୍ଜାତୀୟ ସମୁଦାୟକୁ ବିଭ୍ରାନ୍ତ କରୁଛନ୍ତି।

ଆମେରିକା ରାଷ୍ଟ୍ରଦୂତ ରୁଷ୍ ଓ ଚୀନର ଭିଟୋକୁ ନିନ୍ଦନୀୟ ଓ ସଂକୀର୍ଣ୍ଣ ମନୋଭାବ ବୋଲି କହିଛନ୍ତି। ଗାଜାରେ ଖରାପ ହେଉଥିବା ମାନବିକ ସ୍ଥିତିକୁ ନେଇ ସୁରକ୍ଷା ପରିଷଦ ପ୍ରଥମେ ଦୁଇଟି ସଂକଳ୍ପ ଗୃହୀତ କରିଥିଲେ ମଧ୍ୟ କେହି ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଇନାହାନ୍ତି। ଏହା ପୂର୍ବରୁ

ଆମେରିକା ତିନୋଟି ଅସ୍ତ୍ରବିରତି ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରିଥିଲା ।

## କେଜ୍ରିଓ୍ୱାଲ୍

ଅବକାରୀ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଚଳିତ ମାସ ୨୮ ତାରିଖ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଛନ୍ତି । କେଜ୍ରିଓ୍ୱାଲଙ୍କ ଗିରଫଦାରୀ ପରେ ସ୍ୱତନ୍ତ୍ର ସିବିଆଇ ବିଚାରପତି କାବେରୀ ବାଭେଜା ଏହି ନିର୍ଦ୍ଦେଶ ଦେଇଛନ୍ତି ।

କେଜ୍ରିଓ୍ୱାଲଙ୍କୁ ଏହି ଦୁର୍ନୀତିର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଇ ଇଡି ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବାକୁ ଦାବି କରିଥିଲା । ଅବକାରୀ ନୀତି ପ୍ରସ୍ତୁତ କରିବାରେ କେଜ୍ରିଓ୍ୱାଲ ସିଧାସଳଖ ସମ୍ପୃକ୍ତ ଥିବା ଇଡି କହିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଅଦାଲତକୁ ନିଆଯିବା ବେଳେ ସାମ୍ବାଦିକଙ୍କ ଏକ ପ୍ରଶ୍ନର ଉତ୍ତରରେ ଆମ୍ ଆଦମୀ ପାର୍ଟିର ଆବାହକ କହିଛନ୍ତି ଯେ ସେ ଜେଲରୁ ଦେଶ ପାଇଁ କାମ ଜାରି ରଖିବେ ।

ଗୁରୁବାର ସନ୍ଧ୍ୟାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେଜ୍ରିଓ୍ୱାଲଙ୍କୁ ଗିରଫ କରିବା ପରେ ଆମ୍ ଆଦମୀ ପାର୍ଟି କହିଛି ଯେ ଅରବିନ୍ଦ କେଜ୍ରିଓ୍ୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ରହିବେ ।

# ଇସିଆଇ ଅପୋଜିସନ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଗିରଫ କରାଯିବା ପରେ ବିରୋଧୀମାନେ ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଗତକାଲି ନିର୍ବାଚନ କମିଶନଙ୍କୁ ଭେଟିଥିବା ଏକ ସର୍ବଦଳୀୟ ବିରୋଧୀ ପ୍ରତିନିଧି ଦଳ କହିଛନ୍ତି ଯେ ସେମାନେ ବିରୋଧୀଙ୍କ ବିରୋଧରେ ଏଜେନ୍ସିଗୁଡ଼ିକର ଅପବ୍ୟବହାରର ପ୍ରମାଣ ଉପସ୍ଥାପନ କରିଛନ୍ତି । ସ୍ୱାଧୀନ ଭାରତର ଇତିହାସରେ ଏହା ପ୍ରଥମ ଘଟଣା, ଯେଉଁଠାରେ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରାଯାଇଛି । ନୂଆଦିଲ୍ଲୀରେ କମିଶନଙ୍କ ସହ ବୈଠକ ପରେ ଗଣମାଧମକୁ ସମ୍ବୋଧିତ କରି କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ଅଭିଯୋଗ କରିଛନ୍ତି ଯେ ବିରୋଧୀ ନେତାଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର ହେଉଛି ଯାହା ନିର୍ବାଚନ ପ୍ରକ୍ରିୟା ଏବଂ ଗଣତନ୍ତ୍ରର ନିରପେକ୍ଷତାକୁ କ୍ଷୁଣ୍ଣ କରୁଛି । ଏହି ପ୍ରତିନିଧି ଦଳରେ କଂଗ୍ରେସ, ଟିଏମସି, ଡିଏମକେ, ବାମପନ୍ଥୀ, ସମାଜବାଦୀ ପାର୍ଟିର ନେତା ମାନେ ସାମିଲ ଥିଲେ ।

# କେଜ୍ରିଓ୍ୱାଲ୍ ବିଜେପି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ମଦ ଦୁର୍ନୀତିରେ ଗିରଫ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଶେଷରେ ଆଇନ ପରିସରଭୁକ୍ତ

ହୋଇଛନ୍ତି ବୋଲି ବିଜେପି କହିଛି। ଦଳର ବରିଷ୍ଠ ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି କେଜ୍ରିଓ୍ୱାଲ ଦୁର୍ନୀତି ପାଇଁ ପ୍ରଶାସନିକ କଳର ଅପବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି। ସାମ୍ବିଧାନିକ ପଦବୀରେ ବସି ସଚ୍ଚୋଟତାର କଥା କହୁଥିବା ବ୍ୟକ୍ତି କିପରି ଦୁର୍ନୀତି କରନ୍ତି ତାହା ଦେଶ ଦେଖିଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଏହି ମାମଲାକୁ ନେଇ ଅଦାଲତରେ କିଛି ଖୁଲାସା ହୋଇଛି।

ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟି ନେତା ତଥା ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି ଯେ କେଜ୍ରିଓ୍ୱାଲ ମୁଖ୍ୟମନ୍ତ୍ରୀ ଭାବେ ରହିବେ। କୌଣସି ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ତାଙ୍କୁ ଇସ୍ତଫା ଦେବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଦିଲ୍ଲୀ କ୍ୟାବିନେଟ୍ ସେଠାରେ ଅଛି ଏବଂ ପ୍ରତ୍ୟେକ ବିଭାଗ ଦକ୍ଷତାର ସହ କାର୍ଯ୍ୟ କରୁଛି ବୋଲି ଆତିଶୀ କହିଛନ୍ତି।

# ସିବିଏସ୍ଇ

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ - ସିବିଏସଇ ଦୁର୍ନୀତିରେ ସମ୍ପୃକ୍ତ ଥିବା ୨୦ଟି ସ୍କୁଲର ମାନ୍ୟତା ରଦ୍ଦ କରିଛି। ଏଥିରେ ଦିଲ୍ଲୀର ୫ଟି ସ୍କୁଲ ରହିଛି। ଅଚାନକ ଯାଞ୍ଚ ବେଳେ ଅନୁବନ୍ଧନ ଓ ପରୀକ୍ଷା ନିୟମ ପାଳନରେ ଅନିୟମିତତା ପରିଲକ୍ଷିତ ହେବା ପରେ କଠୋର

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ସିବିଏସଇ କହିଛି ଯେ ଏହି ବିଦ୍ୟାଳୟଗୁଡ଼ିକ ନକଲି ଛାତ୍ରଛାତ୍ରୀ ଓ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଉପସ୍ଥାପନ କରିବା ଏବଂ ରେକର୍ଡ ଠିକ୍ ଭାବରେ ରକ୍ଷଣାବେକ୍ଷଣ ନକରିବା ଭଳି ବିଭିନ୍ନ ଦୁର୍ନୀତିରେ ଲିପ୍ତ ଅଛନ୍ତି।

## ମୁମ୍ବାଇ କୋର୍ଟ ପ୍ରଜ୍ଞା

୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ବିଜେପି ସାଂସଦ ପ୍ରଜ୍ଞା ସିଂହ ଠାକୁର ହାଜର ନ ହେବାରୁ ତାଙ୍କ ବିରୋଧରେ ଜାରି ହୋଇଥିବା ଜାମିନଯୋଗ୍ୟ ୱାରେଣ୍ଟକୁ ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ରଦ୍ଦ କରିଛନ୍ତି। ମାର୍ଚ୍ଚ ୨୦ରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରଜ୍ଞା ସିଂହ ଡିସଚାର୍ଜ ହେବା ପରେ କୋର୍ଟରେ ହାଜର ହୋଇଥିଲେ । ଫଳରେ ୱାରେଣ୍ଟ ବାତିଲ କରାଯାଇଥିଲା। ବୟାନ ରେକର୍ଡ କରିବାର ନିର୍ଦ୍ଧାରିତ ତାରିଖରେ ହାଜର ନ ହେବାରୁ ମାର୍ଚ୍ଚ ୧୧ରେ କୋର୍ଟ ଜାମିନଯୋଗ୍ୟ ୱାରେଣ୍ଟ ଜାରି କରିଥିଲେ।

## ଶାହାଜାହାନ ସିବିଆଇ

ପଶ୍ଚିମବଙ୍ଗରେ ବଶିରହାଟ ଉପଖଣ୍ଡ ଅଦାଲତ ଶେଖ ଶାହାଜାହାନଙ୍କୁ ୬ ଦିନିଆ ସିବିଆଇ ହେପାଜତକୁ ପଠାଇ ଦେଇଛନ୍ତି। ଏହାଛଡ଼ା ଅନ୍ୟ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଳିତ ବର୍ଷ ଜାନୁଆରୀ ୫ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏକ ଟିମ୍ ଉପରେ ଆକ୍ରମଣ ଘଟଣାରେ ସେମାନଙ୍କୁ ଗିରଫ କରାଯାଇଥିଲା।

## ଇସିଆଇ ଟ୍ରାନ୍ସଫର

ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗର ୪ଟି ଜିଲ୍ଲାରେ ନୂଆ ଜିଲ୍ଲାପାଳ ନିଯୁକ୍ତ କରିଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ପୂର୍ବ ମେଦିନୀପୁର, ଝାରଗ୍ରାମ, ପୂର୍ବ ବର୍ଦ୍ଧମାନ ଓ ବୀରଭୂମ ଜିଲ୍ଲାର ଜିଲ୍ଲାପାଳଙ୍କ ବଦଳି ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ମହାରାଷ୍ଟ୍ର ସରକାର ଇକବାଲ ସିଂହ ଚହଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଭୂଷଣ ଗଗରାନୀଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ଗଗରାନୀଙ୍କୁ ବ୍ରିହାନମୁମ୍ବାଇ ମହାନଗର ନିଗମର ନୂତନ କମିଶନର ଭାବେ ନିଯୁକ୍ତ କରାଯାଇଛି।

ଲୋକସଭା ନିର୍ବାଚନ ଘୋଷଣା ପରେ ନିର୍ବାଚନ ଆୟୋଗ ରାଜ୍ୟ ସରକାରଙ୍କୁ ଚହଲ ଏବଂ ଅନ୍ୟ ମ୍ୟୁନିସିପାଲିଟି କମିଶନର, ଅତିରିକ୍ତ କମିଶନର ଏବଂ ଡେପୁଟି କମିଶନରଙ୍କୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯେଉଁମାନେ ତିନି ବର୍ଷରୁ ଅଧିକ ସମୟ ଧରି ସମାନ ପଦରେ ଥିଲେ।

## ଇଣ୍ଡିଆ-ଭୁଟାନ୍

ଭାରତ ଏବଂ ଭୁଟାନ ସେମାନଙ୍କ ଜାତୀୟ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗରେ ପରସ୍ପର ସହିତ ଘନିଷ୍ଠ ସମନ୍ୱୟ ଏବଂ ସହଯୋଗ ଜାରି ରଖିବାକୁ ରାଜି ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୁଟାନ ଗସ୍ତ ସମ୍ପର୍କରେ ଏକ ମିଳିତ ବିବୃତିରେ କୁହାଯାଇଛି ଯେ ଭାରତ ଏବଂ ଭୁଟାନ ଜଳବିଦ୍ୟୁତ, ସୌର ଏବଂ ସବୁଜ ହାଇଡ୍ରୋଜେନ କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଭାଗିଦାରୀକୁ ବିସ୍ତାର କରିବା ଜାରି ରଖିବେ ଏବଂ ଏହି କ୍ଷେତ୍ରରେ ଶକ୍ତି ନିରାପତ୍ତା ବୃଦ୍ଧି ପାଇଁ ମିଳିତ ଭାବେ ନୂତନ ପ୍ରକଳ୍ପ ବିକଶିତ କରିବେ। ଭାରତ-ଭୁଟାନ ଶକ୍ତି ଭାଗିଦାରୀର ମିଳିତ ଭବିଷ୍ୟତ ଯୋଜନାକୁ ମଧ୍ୟ ସ୍ୱାଗତ କରାଯାଇଛି। ସାମଗ୍ରୀ ଓ ସେବା, ରେଳ ସଂଯୋଗ, ସଡ଼କ, ବିମାନ, ଜଳପଥ, ବାଣିଜ୍ୟ ଭିତ୍ତିଭୂମି ଏବଂ ଅର୍ଥନୈତିକ ଓ ଡିଜିଟାଲ ଯୋଗାଯୋଗ ସମେତ ଯୋଗାଯୋଗ ବୃଦ୍ଧି ପାଇଁ ଦୁଇ ଦେଶ ସହମତି ପ୍ରକାଶ କରିଛନ୍ତି।

ଦୁଇ ଦେଶ ମଧ୍ୟରେ ଏହି ସ୍ଥାୟୀ ଭାଗିଦାରୀ ସାଧାରଣ ମୂଲ୍ୟବୋଧ ଏବଂ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟ ଉପରେ ଆଧାରିତ।

## ଡିଜିସିଏ ଏୟାର୍ ଇଣ୍ଡିଆ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଏୟାର ଇଣ୍ଡିଆ ଲିମିଟେଡ୍ ଉପରେ ୮୦ ଲକ୍ଷ ଟଙ୍କାର ଆର୍ଥିକ ଜରିମାନା ଲଗାଇଛନ୍ତି। ଉଡାଣ ସମୟରେ ଡ୍ୟୁଟି ସମୟ ଉଲ୍ଲଂଘନ, ପାଇଲଟଙ୍କ ବିଶ୍ରାମ ନିମନ୍ତେ ପରିଚାଳନା ବ୍ୟବସ୍ଥା ସମେତ ଅନେକ ମାମଲାରେ ଏହି ଜରିମାନା ଆଦାୟ କରାଯାଇଛି। ଏକ ପ୍ରେସ୍ ବିଜ୍ଞପ୍ତିରେ ମହାନିର୍ଦ୍ଦେଶାଳୟ କହିଛି ଯେ, ଜାନୁଆରିରେ ଏୟାର ଇଣ୍ଡିଆର ସ୍ପଟ୍ ଅଡିଟ୍ କରାଯାଇଥିଲା, ଯେଉଁଥିରେ କେତେକ କ୍ଷେତ୍ରରେ ୬୦ ବର୍ଷରୁ ଅଧିକ ବୟସର ପାଇଲଟ୍ ନିୟମ ଉଲ୍ଲଂଘନ କରି ଉଡ଼ାଣ କରିଥିଲେ।

ଏହି ଉଲ୍ଲଂଘନ ପାଇଁ ଏୟାର ଇଣ୍ଡିଆକୁ ମାର୍ଚ୍ଚ ୧ରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ବିମାନ ଚଳାଚଳ ନିୟାମକଙ୍କୁ ପଠାଯାଇଥିବା ଏୟାର ଇଣ୍ଡିଆର ଉତ୍ତର ସନ୍ତୋଷଜନକ ନ ଥିବା ଜଣାପଡିଛି।

# ରୁଷ ଡେଥ୍

ରୁଷର ରାଜଧାନୀ ମସ୍କୋ ନିକଟରେ ଥିବା ଏକ କନସର୍ଟ ହଲ୍ ପରିସରରେ ସଶସ୍ତ୍ର ଆକ୍ରମଣକାରୀମାନେ ଗୁଳି ଚଳାଇବାରୁ ୪୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି। ମସ୍କୋ ଉପକଣ୍ଠରେ ଥିବା କ୍ରୋକସ୍ ସିଟି ହଲ୍ ଭିତରେ ତିନି ଜଣ ସଶସ୍ତ୍ର ଆକ୍ରମଣକାରୀ ଗୁଳି ଚଳାଇଥିବା ରୁଷିଆର ସରକାରୀ ଗଣମାଧ୍ୟମ ଏଜେନ୍ସି 'ଟାସ୍' ରିପୋର୍ଟ କରିଛି। ଘଟଣାସ୍ଥଳକୁ ରାପିଡ୍ ସିକ୍ୟୁରିଟି ରେସପନ୍ସ ଟିମ୍ ସ୍ୱାଟକୁ ଡକାଯାଇଛି। ୭୦ରୁ ଅଧିକ ଆମ୍ବୁଲାନ୍ସ ଓ ଡାକ୍ତର ପୀଡ଼ିତଙ୍କୁ ସହାୟତା କରୁଛନ୍ତି। ଏହି କମ୍ପାଉଣ୍ଡର ଛାତ ଉପରେ ଭୟାବହ ଅଗ୍ନିକାଣ୍ଡ ଘଟିଛି ଏବଂ ଘଟଣାସ୍ଥଳରେ ରୁଷିଆର ସ୍ୱତନ୍ତ୍ର ସୁରକ୍ଷା ବଳ ମୁତୟନ କରାଯାଇଛି। ଅଗ୍ନିଶମ ବାହିନୀ ପ୍ରାୟ ୧୦୦ ଲୋକଙ୍କୁ କୋଠାରୁ ବାହାର କରିଥିଲେ ବୋଲି ଟାସ୍ ରିପୋର୍ଟରେ କୁହାଯାଇଛି। ଲୋକଙ୍କୁ ବଞ୍ଚାଇବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯାଉଛି ବୋଲି ସେହି ଅଞ୍ଚଳର ରାଜ୍ୟପାଳ କହିଛନ୍ତି।

ଏହି ପ୍ରସଙ୍ଗରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ଆମେରିକା କହିଛି। ୟୁକ୍ରେନ ଏହି ଆକ୍ରମଣରେ କୌଣସି ସମ୍ପୃକ୍ତିକୁ ଅସ୍ୱୀକାର କରିଛି।

## ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ

ଭାରତର କିଦାମ୍ବି ଶ୍ରୀକାନ୍ତ ସୁଇସ୍ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସୁଇଜରଲ୍ୟାଣ୍ଡର ବାସେଲରେ ଚାଲିଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଶ୍ରୀକାନ୍ତ ମାତ୍ର ୩୫ ମିନିଟରେ ତାଇଓ୍ୱାନର ଲି ଚିଆ ହାଓଙ୍କୁ ୨୧-୧୦, ୨୧-୧୪ ସେଟରେ ପରାସ୍ତ କରିଛନ୍ତି । ଫାଇନାଲରେ ପ୍ରବେଶ ପାଇଁ ଶ୍ରୀକାନ୍ତ ଆସନ୍ତାକାଲି ତାଇଓ୍ୱାନର ଲିନ୍ ଚୁନ-ୟିଙ୍କୁ ଭେଟିବେ ।

ଅନ୍ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରିୟାଂଶୁ ରାଜଓ୍ୱତ, ଟିଏନ୍ ଚେନ୍ ଚାଉଙ୍କ ଠାରୁ ୧୫-୨୧, ୧୯-୨୧ରେ ପରାସ୍ତ ହୋଇଥିବା ବେଳେ କିରଣ ଜର୍ଜ ଡେନମାର୍କର ରାସମୁସ୍ ଜେମ୍ସଙ୍କ ଠାରୁ ୨୩-୨୧, ୧୭-୨୧, ୧୫-୨୧ରେ ପରାସ୍ତ ହୋଇଥିଲେ ।

## ଆଇପିଏଲ୍

୧୭ତମ ଇଣ୍ଡିଆନ୍ ପ୍ରିମିୟର ଲିଗ୍ କ୍ରିକେଟର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୬ ଓ୍ୱିକେଟରେ ପରାସ୍ତ କରିଛି । ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ରୟାଲ

ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୩ ରନ୍ କରିଥିଲା । ଦଳ ପକ୍ଷରୁ ରଚିନ୍ ରବୀନ୍ଦ୍ର ୧୫ଟି ବଲରେ ୩୭ ରନ୍ କରିଥିବା ବେଳେ ଅନୁଜ ରାଓ୍ୱତ ୨୫ଟି ବଲ୍ ରେ ୪୮ ରନ୍ କରିଥିଲେ । ୧୭୪ ରନର ଟାର୍ଗେଟକୁ ଚେନ୍ନାଇ ସୁପର କିଙ୍ଗସ ୮ ବଲ୍ ବାକି ଥାଇ ହାସଲ କରିନେଇଥିଲା । ଦଳ ୧୮ ଓଭର ଓ ୪ଟି ବଲରେ ୪ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା । ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ମୁସ୍ତାଫିଜ ରେହମାନ ମାତ୍ର ୨୯ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ ।

ପୂର୍ବରୁ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ରଙ୍ଗାରଙ୍ଗ ଉଦଘାଟନୀ ସମାରୋହ ସହ ଆଇପିଏଲ୍ ଆରମ୍ଭ ହୋଇଥିଲା ।

ଆଇପିଏଲ ମ୍ୟାଚରେ ଆଜି ଅପରାହ୍ନ ୩ଟା ୩୦ରେ ପଞ୍ଜାବ କିଙ୍ଗସ ମୋହାଲିରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବାକୁ ଥିବା ବେଳେ କୋଲକାତା ନାଇଟ୍ ରାଇଡର୍ସ ସନ୍ଧ୍ୟା ସାଢ଼େ ୭ଟାରେ ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ ।